# ଜିଲ୍ଲାପାଳଙ୍କ ସମାସିଂହା ଜଗନ୍ନାଥ ମନ୍ଦିର, ରଘୁନାଥପାଲି ବିଦ୍ୟାଳୟ ପରିଦର୍ଶନ

## ଶିକ୍ଷାଦାନ ଓ ଭିତ୍ତିଭୂମିର କଲେ ସମୀକ୍ଷା



**ଝାରସୁଗୁଡ଼ା, ୨୨।୪(ସମିସ):** ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କୋଲାବିରା ବ୍ଲକ ଅନ୍ତର୍ଗତ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ କରିବା ସହ ଏହାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଜିଲ୍ଲାପାଳ ପ୍ରଥମେ ସମାସିଂହା ସ୍ଥିତ ଜଗନ୍ନାଥ ମନ୍ଦିର ଯାଇ ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକର ଅନୁଧ୍ୟାନ କରିଥିଲେ। ମନ୍ଦିର ପରିସରରେ ନିର୍ମାଣ ହେଉଥିବା ଭୋଗ ମଣ୍ଡପ ପ୍ରକଳ୍ପର ସ୍ଥିତି ଯାଞ୍ଚ କରି କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ କହିଥିଲେ। ଏହି ଭୋଗ ମଣ୍ଡପ କାର୍ଯ୍ୟକୁ ସମସ୍ତ ଦିଗରୁ ଉନ୍ନତମାନର କରି ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ସେ କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ କହିଛନ୍ତି। ଶ୍ରଦ୍ଧାଳୁଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପ୍ରକଳ୍ପର ଗୁଣବତ୍ତା ବଜାୟ ରଖିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି। ପରେ ଜିଲ୍ଲାପାଳ ପିଏମଶ୍ରୀ ରଘୁନାଥପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ବିଦ୍ୟାଳୟରେ ନୂତନ ଭାବେ ନିର୍ମିତ ଅତିରିକ୍ତ ଶ୍ରେଣୀ ଗୃହ, ପାନୀୟ ଜଳ ବ୍ୟବସ୍ଥା, ଖେଳ ପଡ଼ିଆ ଏବଂ ପରିସର ମଧ୍ୟରେ ଥିବା ରାସ୍ତାର ସ୍ଥିତି ଯାଞ୍ଚ କରିଥିଲେ। ଏଥିସହ ରୋଷେଇ ଶାଳ ଓ ଶୌଚାଳୟର ସ୍ୱଚ୍ଛତା ଉପରେ ସେ ବିଶେଷ ଦୃଷ୍ଟି ଦେଇଥିଲେ। ବିଦ୍ୟାଳୟର ପରିବେଶକୁ ସବୁଜ ସୁନ୍ଦର କରିବା ପାଇଁ କରାଯାଇଥିବା ବୃକ୍ଷରୋପଣ କାର୍ଯ୍ୟର ମଧ୍ୟ ସେ ଅନୁଧ୍ୟାନ କରିଥିଲେ। ଚଳିତ ଗ୍ରୀଷ୍ମ ପ୍ରବାହ ସମୟରେ କିଭଳି ପ୍ରତ୍ୟେକ ଗଛ ବଞ୍ଚି ରହିବ ଏବଂ ସେଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ହେବ, ସେଥିପ୍ରତି ସତର୍କ ରହିବାକୁ ସେ ପ୍ରଧାନ ଶିକ୍ଷକଙ୍କୁ ପରାମର୍ଶ ଦେଇଛନ୍ତି।

## ତୃତୀୟ ଦିନରେ ପୂର୍ବତନ ଶ୍ରମିକଙ୍କ ଆମରଣ ଅନଶନ

# ଆନ୍ଦୋଳନସ୍ଥଳକୁ ଆସିଲେନି ପ୍ରଶାସନ କି ଠିକା କମ୍ପାନୀ କର୍ତ୍ତୃପକ୍ଷ

**ଝାରସୁଗୁଡା, ୨୨।୪(ସମିସ)**



ବ୍ରଜରାଜନଗର ଲଜକୁରା ଖୋଲା ମୁହଁ କୋଇଲା ଖଣି ଅଞ୍ଚଳର କୋଇଲା ଖୋଳିବାକୁ ନିଯୁକ୍ତ ବିଏଲଏ ଗଣପତି ଠିକା କମ୍ପାନୀର ବିଭିନ୍ନ ସମସ୍ୟା ସହିତ ପୂର୍ବତନ ଶ୍ରମିକମାନଙ୍କୁ ନିଯୁକ୍ତି ଦାବିରେ ଶ୍ରମିକମାନେ ଜାରି ରଖିଥିବା ଆମରଣ ଅନଶନ ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ଠିକା କମ୍ପାନୀ ସେମାନଙ୍କୁ କାମରେ ନିୟୋଜିତ କରୁ ନଥିବାରୁ ତାହାର ପ୍ରତିବାଦ କରି ଇବ ଭ୍ୟାଲି ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ତିନିଦିନ ହେଲା ଆମରଣ ଅନଶନ ଜାରି ରଖିଛନ୍ତି ଶ୍ରମିକ। ପୂର୍ବରୁ ଥିବା ନୀଳକଣ୍ଠ ମାଇନିଂ କମ୍ପାନୀ ଅଧୀନରେ ଲଜକୁରା ଓପନ କାଷ୍ଟ ପ୍ରୋଜେକ୍ଟରେ ଅନେକ ଶ୍ରମିକ ଦୀର୍ଘ ଦିନ ଧରି ସୁପରଭାଇଜର ଓ ହେଲ୍‌ପର ଭାବେ କାର୍ଯ୍ୟ କରିଆସୁଥିଲେ। ଉକ୍ତ କମ୍ପାନୀର ଟେଣ୍ଡର ଅବଧି ଶେଷ ହେବା ପରେ ବର୍ତ୍ତମାନ ନୂତନ ଗଣପତି ମାଇନିଂ କମ୍ପାନୀ ଏହି କାର୍ଯ୍ୟଭାର ଗ୍ରହଣ କରିଥିଲା। ପରେ ଏହାକୁ ବିଏଲଏ କମ୍ପାନୀକୁ ଏକ ପେଟି କଣ୍ଟ୍ରାକ୍ଟ ତଥା ଛୋଟ ଚୁକ୍ତି ଭିତ୍ତିରେ ହସ୍ତାନ୍ତର କରିଥିଲା। କିନ୍ତୁ ନୂତନ କଣ୍ଟ୍ରାକ୍ଟର ପୁରୁଣା ଏବଂ ଅଭିଜ୍ଞ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରୁନାହାନ୍ତି। ଗତ ୬ ମାସ ଧରି ପୂର୍ବତନ ଶ୍ରମିକମାନେ ନିଯୁକ୍ତି ପାଇଁ ବାରମ୍ବାର ପ୍ରୋଜେକ୍ଟ ଅଫିସର, ଜେନେରାଲ ମ୍ୟାନେଜର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ନେଇ ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଥିବା ବେଳେ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। କାମ ହରାଇଥିବା ଶ୍ରମିକମାନେ ଏବେ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିବା ବେଳେ ସେମାନଙ୍କ ପରିବାର ମଧ୍ୟ ମାନସିକ ଚାପରେ ରହିଛନ୍ତି। ଏହିସବୁ ସମସ୍ୟା ଯୋଗୁଁ ପୂର୍ବତନ ଶ୍ରମିକମାନେ ଇବ୍‌ଭ୍ୟାଲି ମହାପ୍ରବନ୍ଧକଙ୍କ କାର୍ଯ୍ୟାଳୟ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆରମ୍ଭ କରିଥିଲେ। ଏହା ବୁଧବାର ତୃତୀୟ ଦିନରେ ପହଞ୍ଚିଥିଲେ ମଧ୍ୟ ସମସ୍ୟାର ସମାଧାନ ପାଇଁ କୌଣସି ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଅନ୍ୟପଟେ ଏହାଯୋଗୁଁ ଯଦି କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୁଏ, ସେଥିପାଇଁ ମ୍ୟାନେଜମେଣ୍ଟ ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ଆନ୍ଦୋଳନକାରୀ ଶ୍ରମିକଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ତିନି ଦିନ ବିତି ଯାଇଥିଲେ ସୁଦ୍ଧା ଏ ପର୍ଯ୍ୟନ୍ତ କେହି ଏହାର ସମାଧାନ ପାଇଁ ଆଗକୁ ଆସୁ ନାହାଁନ୍ତି। କେବଳ ଡାକ୍ତର ଆସି ଚିକିତ୍ସା କରି ଯାଉଛନ୍ତି ବୋଲି ସେମାନେ କହିଛନ୍ତି। ଶ୍ରମିକଙ୍କ ସମସ୍ୟା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ସମସ୍ୟାର ସମାଧାନ କରିବା ନେଇ ସାଧାରଣରେ ଦାବି ହୋଇଛି।

# ହୀରାକୁଦ ଡାକ୍ତରଖାନାରେ ଚକ୍ଷୁ ଚିକିତ୍ସା

**ସମ୍ବଲପୁର, ୨୨।୪ (ସମିସ):** ହୀରାକୁଦ ଡାକ୍ତରଖାନାରେ ଆଗାମୀ ଦିନରେ ଚକ୍ଷୁ ଚିକିତ୍ସା ସୁବିଧା ଉପଲବ୍ଧ ହେବ। ଯେଉଁମାନଙ୍କ ଚକ୍ଷୁ ସମ୍ବନ୍ଧୀୟ କୌଣସି ସମସ୍ୟା ରହିଛି,



ସେମାନେ ହୀରାକୁଦ ସରକାରୀ ଡାକ୍ତରଖାନାରେ ପ୍ରତିମାସର ଦ୍ୱିତୀୟ ଓ ଚତୁର୍ଥ ବୁଧବାର ଚକ୍ଷୁ ବିଶେଷଜ୍ଞ ସହ ସାକ୍ଷାତ କରି ଚିକିତ୍ସା ସୁବିଧା ପାଇପାରିବେ। ଆବଶ୍ୟକସ୍ଥଳେ ବିନାମୂଲ୍ୟରେ ଔଷଧ ଓ ଚଷମା ପ୍ରଦାନ କରାଯିବ। ଶ୍ରବଣ (କାନ) ସମ୍ବନ୍ଧୀୟ କୌଣସି ସମସ୍ୟା ଥିଲେ ପ୍ରତି ସପ୍ତାହ ବୁଧବାର ଦିନ ବିଶେଷଜ୍ଞଙ୍କ ଦ୍ୱାରା ଚିକିତ୍ସା କରାଇପାରିବେ। ଏହା ନିଶ୍ଚିତ ଭାବେ ହୀରାକୁଦବାସୀଙ୍କ ପାଇଁ ସୁଖବର। କିନ୍ତୁ ଆଜି ବି ହୀରାକୁଦ ଡାକ୍ତରଖାନାରେ କୌଣସି ସ୍ଥାୟୀ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ନାହାଁନ୍ତି। ହୀରାକୁଦବାସୀଙ୍କ ତରଫରୁ ଅନେକ ସମୟରେ ଜିଲ୍ଲାପାଳ ଓ ସିଡିଏମଓଙ୍କୁ ଏହି ସମସ୍ୟା ପାଇଁ ଦାବିପତ୍ର ଦିଆଯାଇଛି। ତେବେ, ତାହା ସମାଧାନ ପାଇଁ ପଦକ୍ଷେପ ନିଆଯାଇନାହିଁ। ରୋଗୀ କଲ୍ୟାଣ ସମିତି ସଭ୍ୟ କାର୍ତ୍ତିକ କଲେତ, ସୁନିଲ ସେଠ, ପ୍ରହଲ୍ଲାଦ ତାଣ୍ଡି, ଚକ୍ରଧର ସେଠୀ, ଅଶୋକ ମହାରଣା, ସୁରେନ୍ଦ୍ର ସ୍ୱାଇଁ ପ୍ରମୁଖ ଉପରୋକ୍ତ ଦାବିଗୁଡ଼ିକ ଯଥାଶୀଘ୍ର ପୂରଣ ପାଇଁ ଅନୁରୋଧ କରିଛନ୍ତି।

# ସ୍ୱାଭିମାନ ସମ୍ବଲପୁର ପକ୍ଷରୁ ପହଲଗାମ ପର୍ଯ୍ୟଟକଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୨।୪ (ସମିସ) :** କାଶ୍ମୀରର ଅନନ୍ତନାଗ ଜିଲ୍ଲା ଅନ୍ତର୍ଗତ ପହଲଗାମର ନିରୀହ, ନିରସ୍ତ୍ର ୨୬ ଜଣ ପର୍ଯ୍ୟଟକଙ୍କୁ ପାକିସ୍ତାନ ପ୍ରାୟୋଜିତ ସନ୍ତ୍ରାସବାଦୀମାନେ ବର୍ବୋରଚିତ ଭାବେ ହତ୍ୟା କରିବାର ଏକ ବର୍ଷ ପୂର୍ତ୍ତି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସ୍ୱାଭିମାନ' ସମ୍ବଲପୁର ପକ୍ଷରୁ ଆଜି ସ୍ମୃତିଚାରଣ କରାଯିବା ସହ ସାମୁହିକ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଆଜି ସନ୍ଧ୍ୟାରେ କଚେରୀ ଛକସ୍ଥିତ ସହିଦ ସ୍ତମ୍ଭରେ ସମବେତ ହୋଇ ସାମୁହିକ ଦୀପଦାନ ସହ ଘୃଣ୍ୟ, ବର୍ବର ଓ ଜଘନ୍ୟ ସନ୍ତ୍ରାସବାଦୀ କାର୍ଯ୍ୟର ନିନ୍ଦା କରିବାସହ ସେହି ଅଭାବନୀୟ ଘଟଣାରେ ପ୍ରାଣ ହରାଇଥିବା ୨୬ଜଣ ପର୍ଯ୍ୟଟକଙ୍କ ସ୍ମୃତିରେ ସମସ୍ତେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଅନୁଷ୍ଠାନର ଉପଦେଷ୍ଟା ତଥା ସାମ୍ବାଦିକ ରାଜାରାମ ପାଢ଼ୀ ସେହି ଘଟଣାର ସ୍ମୃତିଚାରଣ କରିବା ସହ ଅପରେସନ ସିନ୍ଦୂର ଓ ଅପରେସନ ମହାଦେବ ସଂକ୍ରାନ୍ତରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଶିଶିର ରଞ୍ଜନ ବହିଦାର, ସୂର୍ଯ୍ୟ ପାଣଗ୍ରାହୀ, ତ୍ରିଲୋଚନ ତ୍ରିପାଠୀ, ମୁକେଶ ଜରିୱାଲ, ଫଣୀନ୍ଦ୍ର ପ୍ରଧାନ, ଦେବନ୍ତ ବେହେରା, ସମୀର ହୋତା, କୁନ୍ଦନ ପ୍ରଧାନ, ଅପୂର୍ବ ନାୟକ, ଆକାଶ ସାହୁ, ଶ୍ରୀୟାଂଶୁ ରାଉତ, ମାନସ ସାହାଣୀ, ଶିବା ଜାଲ, ଗିରୀଶ ବେହେରା, ମଣ୍ଟୁ ଦାସ, ସପନା ରାଣୀ କର୍ଣ୍ଣ, ମିନୁ ନାୟକ, ଦୀପ୍ତି ବିଶ୍ୱାଳ, ଅମିଶା ମିଶ୍ର, ସୁଭଦ୍ରା ନାଗ, ନାରୀ ସେବାସଂଘର ଗଣମାଧ୍ୟମ ସଂଯୋଜିକା ସୁମିତ ଚଇନୀ, ସରିତା ଚଇନୀ ପ୍ରମୁଖ ଉପସ୍ଥିତ ଥିଲେ।

# ଝାରସୁଗୁଡ଼ାରେ ଜନଜୀବନ ଅସ୍ତବ୍ୟସ୍ତ

## ୪୪.୬ ଡିଗ୍ରୀ ଉପରେ ପରଦ

**ଝାରସୁଗୁଡା, ୨୨।୪(ସମିସ):** ସାରା ରାଜ୍ୟରେ ଗ୍ରୀଷ୍ମର ପ୍ରକୋପ ଜାରି ରହିଥିବା ବେଳେ ଆଜି ଶିଳ୍ପସମୃଦ୍ଧ ସହର ଝାରସୁଗୁଡ଼ା ଦେଶର ସବୁଠୁ ଉତ୍ତପ୍ତ ସହର ଭାବେ ପରିଗଣିତ ହୋଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ରର ତଥ୍ୟ ଅନୁସାରେ, ଆଜି ଝାରସୁଗୁଡ଼ା ସହରରେ ସର୍ବାଧିକ ତାପମାତ୍ରା ୪୪.୬ ଡିଗ୍ରୀ ସେଲସିୟସ୍ ରେକର୍ଡ଼ କରାଯାଇଛି। ଏହି ଅସହ୍ୟ ଗ୍ରୀଷ୍ମ ଲହରୀ କାରଣରୁ ଜନଜୀବନ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ ହୋଇପଡ଼ିଛି। ମଧ୍ୟାହ୍ନ ସମୟରେ ରାସ୍ତାଘାଟ ଶୂନ୍‌ଶାନ୍ ହୋଇଯାଉଛି। ବାହାରକୁ ବାହାରିଲେ ମୁହଁପୋଡ଼ା ଖରା ଏବଂ ଗରମ ପବନ ଅନୁଭୂତ ହେଉଛି। କେବଳ ତାପମାତ୍ରା ନୁହେଁ, ବାୟୁମଣ୍ଡଳରେ ଆଦ୍ରତା କମ୍ ଥିବାରୁ ଶରୀରରୁ ପ୍ରଚୁର ଝାଳ ବୋହିବା ସହ ଅଂଶୁଘାତର ଭୟ ମଧ୍ୟ ବଢ଼ିଯାଇଛି। ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ମୁତାବକ, ଝାରସୁଗୁଡ଼ାରେ ଚଳିତ ବର୍ଷର ଏହା ସର୍ବାଧିକ ତାପମାତ୍ରା। ସ୍ୱାଭାବିକ ତାପମାତ୍ରାଠାରୁ ଏହା ପ୍ରାୟ ୩.୪ ଡିଗ୍ରୀ ଅଧିକ ରହିଛି। ସହରର କଂକ୍ରିଟ୍ ଜଙ୍ଗଲ, ଶିଳ୍ପାଞ୍ଚଳରୁ ନିର୍ଗତ ଧୂଆଁ ଏବଂ ଗଛଲତା କମିଯିବା ଏଭଳି ଅତ୍ୟଧିକ ଗରମର ପ୍ରମୁଖ କାରଣ ବୋଲି ପରିବେଶବିତ୍‌ମାନେ ମତ ଦେଇଛନ୍ତି। ଏହି ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ମଧ୍ୟାହ୍ନ ୧୧ଟାରୁ ୩ଟା ପର୍ଯ୍ୟନ୍ତ ଜରୁରୀ କାମ ନଥିଲେ ଘରୁ ନବାହାରିବାକୁ ପରାମର୍ଶ ଦିଆଯାଇଛି। ପ୍ରଚୁର ପରିମାଣରେ ପାଣି, ତୋରାଣି, ଲସି ଓ ଫଳରସ ପିଇବାକୁ କୁହାଯାଇଛି। କାମରେ ବାହାରକୁ ଯାଉଥିଲେ ମୁଣ୍ଡରେ ଟୋପି, ଓଦା କପଡ଼ା ବା ଛତା ବ୍ୟବହାର କରିବାକୁ ଡାକ୍ତରୀ ପରାମର୍ଶ ମିଳିଛି। ସ୍କୁଲ ଓ କଲେଜଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ପାଇଁ ପାନୀୟ ଜଳର ସୁବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଏହି ଗ୍ରୀଷ୍ମ ଲହରୀ ଜାରି ରହିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି।

# ଗୋହିରା ଜଳ ଭଣ୍ଡାରରେ ବୁଡ଼ି ଯୁବକ ମୃତ

**ଦେବଗଡ଼, ୨୨।୪(ସମିସ):** ରିଆମାଳ ଥାନା କଂସର ଫାଣ୍ଡି ଅନ୍ତର୍ଗତ ଗୋହିରା ଜଳ ଭଣ୍ଡାରରେ ବୁଡି ଆଜି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ବରଗଡ଼ ଜିଲ୍ଲା ଭଟଲିଛକ ନିବାସୀ ଗଣନାଥ ରଥ(୪୨)। ସେ ଆମ୍ବଘାଟ ଗ୍ରାମ ସ୍ଥିତ ଜଣେ ସମ୍ପର୍କୀୟଙ୍କ ବିବାହ ଉତ୍ସବରେ ସାମିଲ ହେବାକୁ ଆସିଥିଲେ। ଆଜି ମଧ୍ୟାହ୍ନରେ ଜଳ ଭଣ୍ଡାରକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ଯାଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଜଳଭଣ୍ଡାର ମଧ୍ୟରୁ ମୃତଦେହ ଉଦ୍ଧାର କରିଥିଲେ। ସୂଚନା ପାଇ କଂସର ଫାଣ୍ଡି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଗୁରୁବାର ମୃତଦେହ ବ୍ୟବଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ରିଆମାଳ ଥାନା ଅଧିକାରୀ ବିନୟ କେରକେଟ୍ଟା ପ୍ରକାଶ କରିଛନ୍ତି।

# ଭୀମସାର ଅଧିକ୍ଷକଙ୍କୁ ମିଳିଲା ଡିଡିଓ କ୍ଷମତା

**ସମ୍ବଲପୁର, ୨୨।୪ (ସମିସ):** ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭୀମସାର) ରେ ଆଜି ହାଉସ ସର୍ଜନ ଓ ଇଣ୍ଟର୍ଣ୍ଣ ଡାକ୍ତରମାନେ ବକେୟା ଷ୍ଟାଇପେଣ୍ଡ ଏବଂ ଅନ୍ୟାନ୍ୟ ପ୍ରଶାସନିକ ସମସ୍ୟାକୁ ନେଇ ମେଡିକାଲ ଅଧିକ୍ଷକଙ୍କୁ ଘେରଉ କରିଥିଲେ। ସେମାନଙ୍କର ମୁଖ୍ୟ ଦାବି ଥିଲା, ତୁରନ୍ତ ଅଧିକ୍ଷକଙ୍କୁ ତୁରନ୍ତ ଡିଡିଓ କ୍ଷମତା ପ୍ରଦାନ କରାଯାଉ, ଯାହାଫଳରେ ଆର୍ଥିକ କାରବାର ଓ ଷ୍ଟାଇପେଣ୍ଡ ପ୍ରଦାନରେ ହେଉଥିବା ବିଳମ୍ବକୁ ଦୂର କରାଯାଇପାରିବ। ଡାକ୍ତରମାନଙ୍କର ଏହି ଜିଦ୍ ଆଗରେ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ଗ୍ରହଣ କରିଛି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୀମସାର ଅଧିକ୍ଷକ ପ୍ରଫେସର ଡାକ୍ତର ସୁନୀଲ କୁମାର ଶର୍ମାଙ୍କୁ ପତ୍ର ସଂଖ୍ୟା ୧୧୪୫୯ ତା. ୨୨.୦୪.୨୦୨୬ ଜରିଆରେ ଡିଡିଓ କ୍ଷମତା ପ୍ରଦାନ କରାଯାଇଛି। ଏହି ନିର୍ଦ୍ଦେଶ ପରେ ଆଗାମୀ ଦୁଇଦିନ ମଧ୍ୟରେ ଡାକ୍ତରମାନଙ୍କୁ ସେମାନଙ୍କର ବକେୟା ଷ୍ଟାଇପେଣ୍ଡ ମିଳିଯିବ ବୋଲି ଭୀମସାର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ରେଢ଼ାଖୋଲ ଟାଉନ ପ୍ଲାନିଂ ପାଇଁ ସମୀକ୍ଷା ବୈଠକ

**ରେଢ଼ାଖୋଲ, ୨୨।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଦିନ ରେଢ଼ାଖୋଲ ଟାଉନ ପ୍ଲାନିଙ୍ଗ ଆଧାରିତ ମାଷ୍ଟର୍ ପ୍ଲାନ୍ ପ୍ରସ୍ତୁତି ସମ୍ବନ୍ଧରେ ଆଇଇପିଏଲ୍ ଦ୍ୱାରା କରାଯାଇଥିବା ସର୍ଭେ ରିପୋର୍ଟର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏନ୍‌ଏସି ଅଧ୍ୟକ୍ଷ ଶିବରାମ ସାହୁ, ଉପାଧ୍ୟକ୍ଷା ଅନୁସୟା ପ୍ରଧାନ, ଅତିରିକ୍ତ ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ରଞ୍ଜନ ମାର୍ଥା ପ୍ରମୁଖ ସମେତ ପରିଷଦର ସଭ୍ୟ ଓ ସଭ୍ୟାଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି ସର୍ଭେ ରିପୋର୍ଟର ବିଭିନ୍ନ ପ୍ରାସଙ୍ଗିକ ପାତ୍ର ସମ୍ପର୍କରେ ସବିସ୍ତାର ଆଲୋଚନା କରାଯାଇଥିଲା। ଏଥିରେ ରେଢ଼ାଖୋଲ ଅଞ୍ଚଳର ସମଗ୍ର ଉନ୍ନତି ଲାଗି ଏକ ସୁନ୍ଦର ଓ ଯୋଜନାବଦ୍ଧ ନଗର ଗଢ଼ି ତୋଳିବା ପାଇଁ ସମସ୍ତଙ୍କ ମତାମତ ଗ୍ରହଣ କରାଯାଇଥିଲା। ବୈଠକରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ଜନପ୍ରତିନିଧି ମାନେ ମାଷ୍ଟର୍ ପ୍ଲାନ୍‌ର ସଫଳ କାର୍ଯ୍ୟାନ୍ୱୟନ ପାଇଁ ସମନ୍ୱୟ ଓ ସକ୍ରିୟ ସହଯୋଗର ଆବଶ୍ୟକତା ଉଲ୍ଲେଖ କରିଥିଲେ।

# ଭୀମଭୋଇ କଲେଜରେ ଜାତୀୟ ସମ୍ମାନ




**ରେଢ଼ାଖୋଲ, ୨୨।୪(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସଭୀମଭୋଇ କଲେଜରେ 'ଇଣ୍ଟରନାଲ ଇମ୍ୟୁନିଟି ଅଫ୍ ପ୍ଲାଣ୍ଟସ' (ଉଦ୍ଭିଦର ଆଭ୍ୟନ୍ତରୀଣ ରୋଗ ପ୍ରତିରୋଧକ ଶକ୍ତି) ଶୀର୍ଷକ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମାନ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୃଷ୍ଣ ପାଢ଼ୀ ଅଧ୍ୟକ୍ଷତା କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏଥିରେ 'ରାଷ୍ଟ୍ରୀୟ ଉଦ୍ଭିଦ ବିଜ୍ଞାନ ଅନୁସନ୍ଧାନ ସଂସ୍ଥାନ'ର ନିର୍ଦ୍ଦେଶକ ଡ. ଅଜିତ କୁମାର ଶାସନୀ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। ଏଥିରେ ତାଙ୍କର ବକ୍ତବ୍ୟରେ ଉଦ୍ଭିଦର ଆଭ୍ୟନ୍ତରୀଣ ରୋଗ ପ୍ରତିରୋଧକ ବ୍ୟବସ୍ଥା, ରୋଗ ଗୁଡିକ ବିରୋଧରେ ଉଦ୍ଭିଦର ସ୍ୱାଭାବିକ୍ ସୁରକ୍ଷା ପ୍ରଣାଳୀ ଓ ଆଧୁନିକ ଗବେଷଣାର ଭୂମିକା ବିଷୟରେ ବିଶଦ ଭାବରେ ଆଲୋକପାତ କରିଥିଲେ। ଏହା ସହିତ ଛାତ୍ରଛାତ୍ରୀଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଛାତ୍ରଛାତ୍ରୀ ମାନେ ଅଧିକ ଅନୁସନ୍ଧିତ୍ସୁ ହେବାକୁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ସମିତା ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପକ ସୁଶାନ୍ତ ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର, ଡ. ଦିବ୍ୟଲୋଚନ ରାଉତ, ରାମଚନ୍ଦ୍ର ଭୋଇ, କିଶୋର ଠାକୁର, ପ୍ରାଧ୍ୟାପିକା ମମତା ମହାପାତ୍ର, ଅଧ୍ୟାପିକା ନିରୁପମା ଦେହୁରୀ, ମୋନାଲିସା ଦାଶ ଏବଂ ନବନୀତା ମୁଦୁଲି କାର୍ଯ୍ୟକ୍ରମ ପରିଚାଳନା ଏବଂ ପ୍ରସ୍ତୁତିରେ ସହଯୋଗ କରିଥିଲେ। ଉଭୟ ବିଜ୍ଞାନ ଓ କଳା ବିଭାଗର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ

**ଦେବଗଡ଼, ୨୨।୪(ସମିସ):** ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ଅଷ୍ଟମ ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ



ସୁରତୀ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ସମ୍ମାନୀତ ଅତିଥି ଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଓଡ଼ିଶା ଜୀବିକା ମିଶନ ଜିଲ୍ଲା ପରିଚାଳକ ଶିଶିର କୁମାର ଷଡ଼ଙ୍ଗୀ, ଡେପୁଟି କଲେକ୍ଟର ମୁକେଶ କୁମାର ଭୋଇ, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବାରକୋଟ ଡା. ବାବୁ ସିଂ ଯୋଗଦେଇ ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ପଞ୍ଜିକୃତ ଓ ସେମାନଙ୍କୁ ପୋଷଣ ଟ୍ରାକରରେ ସାମିଲ କରିବା, ଶିଶୁଙ୍କ ବିକାଶ ପାଇଁ କାର୍ଯ୍ୟକାରୀ, ମା ଓ ଶିଶୁର ପୋଷଣ, ମସ୍ତିଷ୍କର ବିକାଶ ପାଇଁ ପ୍ରାରମ୍ଭିକ ପ୍ରୋତ୍ସାହନ, ପ୍ରାରମ୍ଭିକ ବୟସରେ ଖେଳ ଆଧାରିତ ଶିକ୍ଷା, ଶିଶୁଙ୍କ ସ୍କ୍ରିନ୍ ଟାଇମ୍ କମ୍ କରିବାରେ ମାତାପିତା ଓ ଗୋଷ୍ଠୀ ସମୁଦାୟଙ୍କ ଭୂମିକା, ଅଙ୍ଗନବାଡ଼ି କେନ୍ଦ୍ରର ସଶକ୍ତୀକରଣ ନିମନ୍ତେ ସାମୁହିକ ସମର୍ଥନ ଯୋଜନାକୁ ଲୋକାଭିମୁଖି କରିବା ଏବଂ ଶିଶୁଙ୍କୁ କିଭଳି ସୁସ୍ଥ ଜିବନ ଶୈଳୀ ଦିଆଯାଇପାରିବ ସେନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ବିଭିନ୍ନ ପୁଷ୍ଟିକର ଖାଦ୍ୟର ପ୍ରଦର୍ଶନୀ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରୋଗ୍ରାମ ଅଧିକାରୀ ପଙ୍କଜିନୀ ସାହୁ, ବାରକୋଟ ସିଡ଼ିପିଓ ଲିଲି ପ୍ରଧାନ, ରିଆମାଳ ସିଡ଼ିପିଓ ତାରାକାନ୍ତି ମହାନନ୍ଦିଆ, ତିଳେଇବଣି ସିଡ଼ିପିଓ ବନ୍ଦିତା ରାଉତରାୟ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସୁପରଭାଇଜର ଓ ସମାଜ ମଙ୍ଗଳ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପୋଷଣ ଜିଲ୍ଲା ସଂଯୋଜକ ମନୋଜ ଆଚାର୍ଯ୍ୟ ସଂଯୋଜନା କରିଥିଲେ।

## ଜିଲ୍ଲାସ୍ତରୀୟ 'ଦିଶା' ବୈଠକ

# 'ପରିବେଶ ସୁରକ୍ଷା, ଜଳ ସଂରକ୍ଷଣରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ'

**ଝାରସୁଗୁଡ଼ା, ୨୨।୪(ସମିସ)**

ଜିଲ୍ଲା ବିକାଶ ସମନ୍ୱୟ ଏବଂ ନିରୀକ୍ଷଣ ସମିତି (ଦିଶା)ର ଗୁରୁତ୍ୱପୂର୍ଣ୍ଣ ବୈଠକ ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏହି ସମୀକ୍ଷା ବୈଠକରେ ବିଧାୟକ ଟଙ୍କଧର ତ୍ରିପାଠୀ, ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀଙ୍କ ପ୍ରତିନିଧି ନଭଲ ଅଗ୍ରୱାଲ, ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ସଭାକୁ ପରିଚାଳନା କରିଥିଲେ। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କେନ୍ଦ୍ରୀୟ ଯୋଜନାର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜିଲ୍ଲାର ସମସ୍ତ ପୁରାତନ ପୋଖରୀର ମରାମତି ଓ ପୁନରୁଦ୍ଧାର ସହ ଜଳ ସଂରକ୍ଷଣ ପାଇଁ ନୂତନ ଜଳାଶୟ ଖନନ ଉପରେ ଗୁରୁତ୍ୱାରୋପ କରାଯାଇଛି। ଜିଲ୍ଲାରେ ବେଆଇନ ଭାବେ ପାଉଁଶ ଫିଙ୍ଗିବା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ସହ ନିୟମ ଉଲ୍ଲଂଘନକାରୀ ଶିଳ୍ପ ସଂସ୍ଥାଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ପଷ୍ଟ କରାଯାଇଛି। ଏଥିସହ ପରିବେଶର ସନ୍ତୁଳନ ରକ୍ଷା ନିମନ୍ତେ ବ୍ୟାପକ ବୃକ୍ଷରୋପଣ କରିବା ଏବଂ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବ୍ୟବସ୍ଥାକୁ ଅଧିକ ସକ୍ରିୟ ଓ ପ୍ରଭାବଶାଳୀ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଶିଳ୍ପ ସଂସ୍ଥାଗୁଡ଼ିକର ଦାୟିତ୍ୱହୀନତାକୁ ନେଇ କଡ଼ା ଆଭିମୁଖ୍ୟ ପ୍ରଦର୍ଶନ କରି ସାଂସଦ ଶ୍ରୀ ପୁରୋହିତ କହିଥିଲେ, ଝାରସୁଗୁଡ଼ା ଜିଲ୍ଲାର ପ୍ରାକୃତିକ ସମ୍ପଦକୁ ବ୍ୟବହାର କରୁଥିବା ଶିଳ୍ପ



ସଂସ୍ଥାଗୁଡ଼ିକ ସମାଜ ଓ ପରିବେଶ ପ୍ରତି ନିଜର ଦାୟିତ୍ୱକୁ କଦାପି ଏଡ଼ାଇ ଯାଇପାରିବେ ନାହିଁ। ସମସ୍ତ କମ୍ପାନୀ ସେମାନଙ୍କ ପାଇଁ ଧାର୍ଯ୍ୟ କରାଯାଇଥିବା ବୃକ୍ଷରୋପଣ ଲକ୍ଷ୍ୟକୁ ବାଧ୍ୟତାମୂଳକ ଭାବେ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କେବଳ କାଗଜପତ୍ରରେ ନୁହେଁ, ବରଂ କ୍ଷେତ୍ରସ୍ତରରେ ଏହା ଦୃଶ୍ୟମାନ ହେବା ଆବଶ୍ୟକ। ଜିଲ୍ଲାର ବାୟୁମଣ୍ଡଳକୁ ପ୍ରଦୂଷଣମୁକ୍ତ ରଖିବା ପାଇଁ ବ୍ୟାପକ ସବୁଜିମା ସୃଷ୍ଟି କରିବା ସେମାନଙ୍କର ଅନିବାର୍ଯ୍ୟ କର୍ତ୍ତବ୍ୟ। ଏଥିସହ ବେଆଇନ ଭାବେ ପାଉଁଶ ଫିଙ୍ଗୁଥିବା ସଂସ୍ଥାମାନଙ୍କ ବିରୋଧରେ ଜିଲ୍ଲା ପ୍ରଶାସନ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି କହିଥିଲେ। ସେହିପରି ବିଧାୟକ ଟଙ୍କଧର ତ୍ରିପାଠୀ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ବସ୍ତିରେ ବାସ କରୁଥିବା ଗରିବ ଶ୍ରେଣୀର ଲୋକଙ୍କୁ ସ୍ଥାୟୀ ଛାତ ଯୋଗାଇବାକୁ ଜିଲ୍ଲାରେ ସ୍ୱଳ୍ପମୂଲ୍ୟରେ 'ସୁଲଭ ଆବାସ ଯୋଜନା' ପ୍ରସ୍ତୁତ କରିବା ଦିଗରେ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଝାରସୁଗୁଡ଼ାରୁ ଲାଭ କମାଉଥିବା କମ୍ପାନୀମାନେ ନିଜର ସିଏସ୍‌ଆର୍ ପାଣ୍ଠି ଖର୍ଚ୍ଚ କରିବାରେ ଅବହେଳା ନକରି ତୁରନ୍ତ ପାଣ୍ଠି ବ୍ୟୟ ନିୟମାବଳୀକୁ କୋହଳ କରନ୍ତୁ। ପ୍ରଶାସନ ସହ ସମନ୍ୱୟ ରକ୍ଷା କରି ପ୍ରତିଟି ପ୍ରକଳ୍ପକୁ ସମୟସୀମା ମଧ୍ୟରେ ସାରିବାକୁ ହେବ, ଯେପରି କୌଣସି ଅର୍ଥ ଅବ୍ୟବହୃତ ହୋଇ ପଡ଼ି ନରହେ। ଏଥିସହ ସେ ହସ୍ପିଟାଲରେ ଜନ୍ମ ହେଉଥିବା ପ୍ରତିଟି କନ୍ୟା ସନ୍ତାନକୁ 'ସୁକନ୍ୟା ସମୃଦ୍ଧି ଯୋଜନା'ରେ ସାମିଲ କରିବାକୁ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲେ। ଶିଶୁ କନ୍ୟା ଜନ୍ମ ହେବା ମାତ୍ରେ ହସ୍ପିଟାଲରେ ହିଁ ତାଙ୍କ ନାମରେ ବ୍ୟାଙ୍କ ଆକାଉଣ୍ଟ ଖୋଲିବା ପାଇଁ ବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଭିନ୍ନ କମ୍ପାନୀମାନଙ୍କ ଦ୍ୱାରା କରାଯାଉଥିବା ସିଏସ୍‌ଆର୍ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଚାଲୁ ରହିଥିବା

## ବେଆଇନ ପାଉଁଶ ଫିଙ୍ଗିବା ରୋକିବା, ଜଳାଶୟର ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ

## ସ୍ୱଳ୍ପମୂଲ୍ୟରେ 'ସୁଲଭ ଆବାସ ଯୋଜନା' ପ୍ରସ୍ତୁତ କରିବାକୁ ପରାମର୍ଶ

ବିକାଶମୂଳକ ପ୍ରକଳ୍ପ ଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବା ପାଇଁ ପାଣ୍ଠି ବ୍ୟୟ ନିୟମାବଳୀକୁ କୋହଳ କରିବା ପାଇଁ ଶିଳ୍ପ ସଂସ୍ଥାମାନଙ୍କୁ କୁହାଯାଇଛି। ଏହି ସମୀକ୍ଷା ବୈଠକରେ ଜିଲ୍ଲାସ୍ତରୀୟ ସମସ୍ତ ବରିଷ୍ଠ ଅଧିକାରୀ ଓ ଏମସିଏଲର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ଡିଏଭି ପବ୍ଲିକ ସ୍କୁଲରେ ବିଶ୍ୱ ପୃଥିବୀ ଦିବସ




**ଝାରସୁଗୁଡ଼ା, ୨୨।୪(ସମିସ):** ଝାରସୁଗୁଡା ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଶ୍ୱ ପୃଥିବୀ ଦିବସ ବୁଧବାର ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ ଆମର ଶକ୍ତି, ଆମର ଗ୍ରହକୁ ଆଧାର କରି ପରିବେଶ ସୁରକ୍ଷା ଓ ପ୍ରାକୃତିକ ସମ୍ପଦର ସଂରକ୍ଷଣ ପାଇଁ ଏହି ଅବସରରେ ଶପଥ ଗ୍ରହଣ କରାଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ସ୍ୱାଗତ ଭାଷଣ ଦେଇ ପ୍ରକୃତି ଓ ମାନବ ସମାଜର ନିବିଡ଼ ସମ୍ପର୍କ ବିଷୟରେ ଆଲୋକପାତ କରିଥିଲେ। ବୃଦ୍ଧିଶୀଳ ପ୍ରଦୂଷଣ ଓ ପ୍ରାକୃତିକ ସମ୍ପଦର ଅପଚୟ ରୋକିବା ପାଇଁ ପ୍ରତ୍ୟେକ ନାଗରିକ ଦାୟିତ୍ୱବାନ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ପରିବେଶ ସୁରକ୍ଷା ପାଇଁ ସ୍ଲୋଗାନ ଦେବା ସହ ବୃକ୍ଷରୋପଣକୁ ପ୍ରୋତ୍ସାହିତ କରିବାକୁ ସଙ୍କଳ୍ପ କରିଥିଲେ। ଶିକ୍ଷକ ପଞ୍ଚାନନ ପଟେଲ, ନୀଳିମା ପଟେଲ, ନିଖିତା ଗର୍ଡ଼ିଆ, ମନିଷା ଚାନ୍ଦ, ସୁନନ୍ଦା ପ୍ରହରାଜ ଓ ଡ. ବେଦୁଲା ମଞ୍ଜୁଶ୍ରୀ ପ୍ରମୁଖ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

